# ପିଲାମାନଙ୍କ ପାଇଁ ବାଇବଲ ଉପହାର



# ନୋହ ଏବଂ ମହାପ୍ରଳୟ ଜଳପ୍ଲାବନ

ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus; Alastair Paterson

ଉପଯୋଜକ: M. Maillot; Tammy S.

ଅନୁବାଦକ: Prasanta Bhuyan

ପ୍ରଯୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ନୋହ ଜଣେ ବ୍ୟକ୍ତି, ଯିଏ ସଦାପ୍ରଭୁଙ୍କ ଆରାଧନା କରୁଥିଲେ । ପ୍ରତ୍ୟେକ ମନୁଷ୍ୟ ପରମେଶ୍ୱରଙ୍କୁ ଘୃଣା ଓ ଅମାନ୍ୟ କଲେ ।




ଦିନେ, ପରମେଶ୍ୱର
ଏକ ଭୟଙ୍କର ବିଷୟ
କହିଲେ । ପରମେଶ୍ୱର
ନୋହଙ୍କୁ କହିଲେ ।


ମୁଁ ଏହି ପାପିଷ୍ଠ ଜଗତତକୁ
ବିନାଶ କରିବି । କେବଳ
ତୁମ୍ଭର ପରିବାର ହିଁ ମହା
ପ୍ରଳୟ ଜଳପ୍ଲାବନରୁ
ଉଦ୍ଧାର ପାଇବ ।

ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ ସତର୍କ କରାଇ କହିଲେ, ଏକ ମହାପ୍ରଳୟ ଜଳପ୍ଲାବନ ଆସି ପୃଥିବିକୁ ଘୋଡ଼ାଇବ ।



ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ ଆଦେଶ
କରି କହିଲେ ତୁମ୍ଭେ କାଠରେ ଏକ ବଡ଼
ଜାହାଜ ନିର୍ମାଣ କର ଯେଉଁଥିରେ ତୁମ୍ଭର
ପରିବାର ଓ ଅନେକ ପଶୁ, ପକ୍ଷୀ
ଗୁଡ଼ିକ ବାସ
କରିପାରିବେ ।



ଆଉ ସଦାପ୍ରଭୁ ସଠିକ ଭାବରେ ନୋହଙ୍କୁ ଶିକ୍ଷାପ୍ରଦାନ କଲେ । ତହିଁରେ ନୋହ କାର୍ଯରେ ବ୍ୟସ୍ତ ହେଲେ ।





ଲୋକମାନେ ନୋହଙ୍କୁ
ପରିହାସ କରିଥାଇ
ପାରନ୍ତି,
ମାତ୍ର ସେ

ଲୋକମାନଙ୍କୁ
ବ୍ୟାଖ୍ୟା କରି
କହୁଥିଲେ ଯେ ସେ
କଣପାଇଁ ଜାହାଜ
ନିର୍ମାଣ କରୁଛନ୍ତି ।



ନୋହ ସେ ପ୍ରକାରେ
ଜାହାଜ ନିର୍ମାଣ
କରିଚାଲିଲେ ।
ନୋହ

ମଧ୍ୟ
ସଦାପ୍ରଭୁଙ୍କ
ବିଷୟୁର
ଲୋକମାନଙ୍କୁ
କହିଚାଲିଲେ ।



ଆଉ କେହି ମଧ୍ୟ
ନୋହଙ୍କୁ ଶୁଣିଲେ
ନାହିଁ ।


ନୋହଙ୍କର ବଡ଼ ବିଶ୍ୱାସ ଥିଲା ।
ଯଦିବା ପୁର୍ବରୁ କେବେହେଁ ବୃଷ୍ଟିପାତ
ହୋଇନଥିଲା ତଥାପି
ସେ ପରମେଶ୍ୱରଙ୍କୁ
ବିଶ୍ୱାସ କଲେ ।


ଅନ୍ୟାନ୍ୟ
ଆବଶ୍ୟକତାମାନ
ଭର୍ତ୍ତି କରିବାକୁ ଜାହାଜ
ଶିଘ୍ର ପ୍ରସ୍ତୁତ ହେଲା ।

ବର୍ତ୍ତମାନ ପଶୁପକ୍ଷୀମାନେ ଆସିଲେ ।



ସଦାପ୍ରଭୁ ପରମେଶ୍ୱର ପ୍ରତ୍ୟକ ଶୁଢ଼ି ପଶୁ ଜାତିର
ସାତ ଦ ତିକୁ ଆଣିଲେ, ଅନ୍ୟାନ୍ୟରୁ
କେବଳ ଦୁଇଟି ।



ଛୋଟ ଏବଂ ବଡ଼ପକ୍ଷୀ, ଗେଡ଼ା ଏବଂ ଡେଙ୍ଗା ପଶୁ ଜାହାଜକୁ ଅସିଗଲେ ।




ଏହାହୋଇପାରେ
ଲୋକମାନେ ନୋହଙ୍କୁ
ପରିହାସ ଓ ଅପମାନ
କରିଥିବେ, ...

... ଯେତେବେଳେ ନୋହ ସର୍ବପ୍ରକାର ଜୀବଜନ୍ତୁ ଯୋଡ଼ା ଯୋଡ଼ା ଦ ତିକ୍ରମେ ଜାହାଜରେ ଭର୍ତ୍ତି କଲେ ।



ସେମାନେ ପରମେଶ୍ୱରଙ୍କ ବିରୁଦ୍ଧରେ
ପାପ କରିବା ବନ୍ଦ କଲେ ନାହିଁ । ଏବଂ
ଜାହାଜରେ ପ୍ରବେଶ କରିବାକୁ ମଧ୍ୟ
ସେମାନେ ନୋହଙ୍କୁ ପଚାରିଲେ
ନାହିଁ ।





ଅନ୍ତିମରେ, ଅନେକ ପ୍ରକାର ପଶୁ
ପକ୍ଷୀମାନେ ଜାହାଜ ଭିତରକୁ
ଆସିଲେ ।

ଜାହାଜ
ଭିତରକୁ
ଆସିବାକୁ,
ପରମେଶ୍ୱର ନୋହଙ୍କୁ
ଆମନ୍ତ୍ରଣ କଲେ ।



ତୁମ୍ଭେ ଏବଂ ତମ୍ଭର ପରିବାର । । ନୋହ
ଏବଂ ତାଙ୍କରି ଭାର୍ଯ୍ୟା,

ତାଙ୍କର
ତିନିପୁତ୍ର, ପୁଣି
ସେମାନଙ୍କ
ସହିତ
ସେମାନଙ୍କର
ଭାର୍ଯ୍ୟା ଜାହାଜରେ
ପ୍ରବେଶ କଲେ ।


ତହିଁରେ ଅନନ୍ତର
ସଦାପ୍ରଭୁ ପରମେଶ୍ୱର
ପାର୍ଶଦ୍ୱାର ବନ୍ଦ କଲେ ।



ସେତେବେଳେ
ବୃଷ୍ଟିପାତ ହେଲା ।
ଅନନ୍ତର ଚାଳିଶ ଦିନ ଏବଂ
ରାତ୍ରି ଅତ୍ୟାଧିକ ବୃଷ୍ଟିପାତ
ହୋଇ ପୃଥିବୀକୁ ସୁର୍ଣ୍ଣଭାବେ
ଓଦା କରିଦେଲା ।



ଜଳ ପ୍ଲାବନ
ସମଗ୍ର ଗ୍ରାମ୍ୟଞ୍ଚଳ
ଏବଂ ସହର ମାନଙ୍କରେ
ବିସ୍ତୃତ ହେଲା ।



ଯେତେବେଳେ
ବୃଷ୍ଟିପାତ
ଥମିଗଲା, ସେହି
ସମୟରେ ଉଚ୍ଚତମ ପାହାଡ଼
ଗୁଡ଼ିକ ସୁଧା ପାଣି ଭିତରେ
ବୁଡ଼ିଥିଲେ ।



ନିଶ୍ୱାସ ପ୍ରସ୍ୱାସ ଧାରି
ସମସ୍ତଙ୍କର ମୃତ୍ୟୁ ହେଲା ।



ଯେପରି ଜଳ ବୃଦ୍ଧି
ପାଇଲା, ଜାହାଜ ପାଣି
ଉପରେ ଭାସିଲା । ଏହାର
ଭିତର ପାର୍ଶ୍ୱ ଅନ୍ଧକାର,
ବୋଧହୁଏ ଧକଚକିଆ ଓ
ଭୟାବହ ହୋଇ
ଥାଇପାରେ । କିନ୍ତୁ
ନୋହଙ୍କ ଆଶ୍ରୟ ସ୍ଥାନ
ବନ୍ୟାରୁ ନିରାପଦ ଥିଲା ।


ଜଳ ପ୍ଲାବନର ପାଞ୍ଚମାସ ପରେ,
ସଦାପ୍ରଭୁ ପରମେଶ୍ୱର ସୁଖିଲା ବାୟୁ
ବୁହାଇଲେ, ତହିଁରେ ଜଳ ଥମିଗଲା,
ପୁଣି ଆରାରୋଟ ପର୍ବତ
ଉପରେ
ଜାହାଜ
ରହିଗଲା ।



ଯେପର୍ଯନ୍ତ ଜଲର ହ୍ରାସ ପାଇଲା ନାହିଁ । ନୋହ ଅନନ୍ତର ଢ଼ାଲିଶ ଦିନ ପର୍ଯନ୍ତ ଜାହାଜ ଭିତରେ ରହିଲେ ।

ନୋହ ଗୋଟିଏ ଝରକା ଖୋଲି ଏକ ଡାମରା
କାଉ ଓ କାପ୍ତାକୁ ବାହାରକୁ ଉଡ଼ାଇ ଦେଲେ ।
ସେତେବେଳେ ପୃଥିବୀ ଜଳଛାଦିତ ଥିବାରୁ କାପ୍ତା
ଆପଣା ପାଦ ରଖିବାକୁ ସ୍ଥାନ ନ ପାଇ ଜାହାଜକୁ
ନେଉଟି ଆସିଲା ।



ଆଉ ସାତ ଦିନ ବଲମ୍ବ
କଲା ଉତ୍ତାରେ ସେହି
କାଉ୍ରାକୁ ପୁନର୍ବାର
ଜାହାଜରୁ ବାହାରକୁ
ଉଡ଼ାଇ ଦେଲେ । ତହିଁରେ
କାଉ୍ରା ସଂଧ୍ୟାବେଳେ ତାଙ୍କ
ନିକଟକୁ ଫେରି ଆସିଲା ।


ଆଉ ଦେଖ, ତାହାର
ଢ଼ଞ୍ଚୁରେ ଜୀତ ବୃକ୍ଷର
ନବୀନ ପଲ୍ଲବ ଥିଲା ।



ଆଉ ସାତଦିନ
ବଲମ୍ବକରି, ସେହି
କାପ୍ତାକୁ ପୁନର୍ବାର
ପଠାଇଲେ, ମାତ୍ର
ତାଙ୍କ ନିକଟକୁ ନେଉଟି
ଆସିଲା ନାହିଁ, ତହିଁରେ
ନୋହ ବୁଝିଲେ ।

ଅନନ୍ତର ପରମେଶ୍ୱର ନୋହଙ୍କୁ କହିଲେ,
ଜାହାଜରୁ ବାହାରକୁ ଯିବା ସମୟ
ହୋଇଅଛି, ...



... ପୁଣି ସମସ୍ତ ପରିବାର ମିଲିମିସି ଜାହାଜରେ
ଥିବା ସମସ୍ତ ପଶୁପକ୍ଷୀ ଓ ଭୂଢ଼ର ପ୍ରାଣି,
ଉରୋଗାମି ସବୁ ଜୀବଜନ୍ତୁ
ବାହାରକୁ
ଘେନିଯାଅ ।



ନୋହ ନିଶ୍ଚିନ୍ତ
ଭାବରେ
କୃତଜ୍ଞତା ମନେ
କରିଥିବେ ।




ନୋହ ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ
ଯଜ୍ଞବେଦି ନିର୍ମାଣ
କରି ତାଙ୍କୁ ପୂଜା
ଆରାଧନା କଲେ, ...


... ଯେଉଁ ସଦାପ୍ରଭୁ
ପରମେଶ୍ୱର
ନୋହଙ୍କୁ ଏବଂ
ତାଙ୍କ ପରିବାରକୁ
ଭୟାନକ
ଜଳପ୍ଲାବନରରୁ
ଉଦ୍ଧାର କଲେ ।

ପରମେଶ୍ୱର
ଏକ ଆଶ୍ଚର୍ଯ୍ୟ
ଜନକ ପ୍ରତିଜ୍ଞା
ନୋହଙ୍କୁ ପ୍ରଦାନ
କଲେ ।




ଆଉ ପୁନର୍ବାର
କଦାପି ଆମ୍ଭେ
ଏହିପ୍ରକାର
ଜଳପ୍ଲାବନ
ଓ ବୃଷ୍ଟିପାତ
ଦ୍ୱାରା ମନୁଷ୍ୟକୁ
ତାହାର ପାପ
ନିମନ୍ତେ ବିଚାର
କରିବା ନାହିଁ ।



ଆଉ
ପରମେଶ୍ୱର
ନିଜ ପ୍ରତିଜ୍ଞାକୁ
ସ୍ମରଣ କରିବା ନିମନ୍ତେ
ଏକ ଚିହ୍ନ

ଦେଲେ
ଯାହା ସପ୍ତରଙ୍ଗ
ଧନୁପରି ଥିଲା ।

ଜଳପ୍ଲାବନ
ପରେ ନୋହ ଓ
ତାଙ୍କରି ପରିବାର
ଏକ ନୂତନ ଆରମ୍ଭ
ଦେଖିପାରିଲେ ।



ସମୟାନୁକ୍ରମେ
ନୋହଙ୍କ ବଂଶର
ଲୋକମାନେ ପୁନର୍ବାର
ପୃଥିବୀକୁ ପରିପୁର୍ଣ୍ଣ
କଲେ ।



ପୃଥିବୀର ସମସ୍ତ
ଦେଶ ଗୁଡ଼ିକ
ନୋହ ଓ ତାଙ୍କରି ତିନି
ସନ୍ତାନ ମାନଙ୍କ ଠାରୁ
ଜାତହେଲେ ।



# ନୋହ ଏବଂ ମହାପ୍ରଳୟ ଜଳପ୍ଲାବନ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୬-୧୦

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬